## ସଂକ୍ଷେପରେ

### ସମ୍ଭାବ୍ୟ ବାତ୍ୟା ନେଇ ଜିଲା ପ୍ରଶାସନ ପ୍ରସ୍ତୁତ

କୋରାପୁଟ,୬।୫(ସ୍ୱ.ପ୍ର.)- ୮ରୁ ୧୦ ତାରିଖ ମଧ୍ୟରେ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ନେଇ ଆଇଏମ୍‌ଡି ପକ୍ଷରୁ ସ୍ପଷ୍ଟ ହେବା ପରେ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ଏ ଦିଗରେ ସମସ୍ତ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଏକ ଜରୁରୀ ବୈଠକ ଡକାଯାଇ ସମସ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଜାରି ହୋଇଥିବା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି କହିଛନ୍ତି। ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ୧୪ଟି ବ୍ଲକର ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବାକୁ ଅବଗତ କରାଯାଇଛି।

### ଧରାପଡ଼ିଲା ଗଞ୍ଜେଇ ଚୋରାଚାଲାଣ



ଏମ୍‌ଭି ୭୯, ୬।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ଥାନା ସମ୍ମୁଖରେ ଗାଡ଼ିମୋଟର ଯାଞ୍ଚ ବେଳେ ଗଞ୍ଜେଇ ଚୋରାଚାଲାଣ ଧରାପଡ଼ିଛି। ଏକ ବାଇକ୍(ଓଡି୩୦ଏଡି-୩୧୭୭)ରେ ୨ଜଣ ଏକ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବା ବେଳେ ପୋଲିସ ଯାଞ୍ଚକରି ଏହାକୁ ଜବତ କରିଛି। ଏହାର ପରିମାଣ ୨୨ କେଜି ୭ଶହ ଗ୍ରାମ। ୨ଜଣଙ୍କ ମଧ୍ୟରୁ ଜଣକୁ ଗିରଫ କରାଯାଇଛି। ସେ ହେଲେ ଶିବ ମାଡକାମୀ(୧୯)। ତାଙ୍କ ଘର କାଲିମେଳା ଅଞ୍ଚଳର ପାନିମେଟାଲା ଗ୍ରାମରେ। ଅନ୍ୟ ଜଣେ ୧୭ ବର୍ଷର ବାଳକ ବୋଲି ଥାନା ଅଧିକାରୀ ମୁକୁନ୍ଦ ମେଲକା କହିଛନ୍ତି। ଏସ୍‌ଆଇ ସଞ୍ଜୟ କୁମାର ବଡ଼ସେଠୀ ଏବଂ ଏଏସ୍‌ଆଇ ରାଜେନ୍ଦ୍ର କୁମାର ପାଙ୍ଗୀ ଯାଞ୍ଚରେ ସାମିଲ ହୋଇଥିଲେ। କେସ୍ ନଂ. ୪୨/୨୨।

### ମାଥିଲିରେ ଭତ୍ତା ବଣ୍ଟନ

କୁଡୁମୁଲୁଗୁମ୍ମା/ମାଥିଲି,୬।୫(ଡି.ଏନ.ଏ.)- ଶୁକ୍ରବାର ଭତ୍ତା ନେବାକୁ ମାଥିଲି ପଞ୍ଚାୟତରେ ଭିଡ଼ ଲଗିଥିଲା। ୪ ଶହ ବୃଦ୍ଧାବୃଦ୍ଧ ବିଭିନ୍ନ ସ୍ଥାନରୁ ଭତ୍ତା ନେବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଖରାରେ ଆସି ସମସ୍ତେ ଅତିଷ୍ଠ ହୋଇପଡିଥିଲେ। ସମସ୍ତଙ୍କୁ ଭତ୍ତା ବଣ୍ଟନ ପରେ ପିଇଓ ଅଶୋକ ମହାରଣା ବୃଦ୍ଧାବୃଦ୍ଧଙ୍କୁ ଚୋଲାପାଣି ପିଇବାକୁ ଦେଇ ସେମାନଙ୍କୁ ନିଜନିଜ ଗ୍ରାମକୁ ପଠାଇଥିଲେ। ପିଇଓଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

### ବିଦାୟକାଳୀନ ସମ୍ବର୍ଦ୍ଧନା

ସୁନାବେଡ଼ା,୬।୫(ସ୍ୱ. ପ୍ର.)-ସେମିଳିଗୁଡ଼ା ମହାବିଦ୍ୟାଳୟର ଗ୍ରନ୍ଥାଗାର କର୍ମଚାରୀ ରବୀନ୍ଦ୍ର କୁମାର ଦାସଙ୍କୁ ମାନପତ୍ର, ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣ ସିଂହ, ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟି ସଭାପତି ଡ. ପ୍ରଦୀପ ବେହେରା, ମହାବିଦ୍ୟାଳୟର ଦୁଇ ପୂର୍ବତନ ଅଧ୍ୟକ୍ଷ ରବି ନାରାୟଣ ସୂତାର ଓ କାବେରୀ ବିଶ୍ୱାଳ, ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଅଧ୍ୟକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟ ସ୍ୱାଗତ ସୂଚନା ଦେଇଥିଲେ। ଅତିଥିମାନେ ରବୀନ୍ଦ୍ରଙ୍କ କର୍ତ୍ତବ୍ୟ ନିଷ୍ଠା ଏବଂ ଦାୟିତ୍ୱବୋଧର ପ୍ରଶଂସା କରିଥିଲେ। ଡ. ରମା ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। । ଡ. ଝାନ୍‌ସୀ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୬।୫(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଏକ୍ସବୋର୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବାଲାରାଜୁ ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଛି। ଏଥିରେ ସିଆର୍‌ସିସି ବିନୋଦ ବିହାରୀ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାପାତ୍ର, ଜୀବନ ମହାନ୍ତି ଉପସ୍ଥିତ ଥିଲେ। ଅତିଥିମାନେ ପାଢ଼ୀଙ୍କ ଶିକ୍ଷକ ଜୀବନ , କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ଡି.ଲାବଣ୍ୟ , ଅର୍ଚ୍ଚନା ଦାସ, ଦିବ୍ୟାଙ୍ଗନା ପୂଜାରୀ ଶିକ୍ଷକ ପାଢ଼ୀଙ୍କୁ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଅଭିହିତ କରିଥିଲେ। ଏହି ଅବସରରେ ପଦୋନ୍ନତି ପାଇ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷୟିତ୍ରୀ ସରୋଜନୀ ପରିଡ଼ା ଓ ଶଶିରେଖା ଦାସଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉଡ଼ିଲା ଘର ଛପର, ଭାଙ୍ଗିଲା ଦୋକାନ






କାଳ ବୈଶାଖୀରେ ଭାଙ୍ଗିଯାଇଥିବା ଘର ଓ ଦୋକାନ।

କୋରୁକୋଣ୍ଡା,୬।୫(ଡି.ଏନ୍.ଏ.)

**କୋରୁକୋଣ୍ଡାରେ କାଳବୈଶାଖୀ**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ଝଡ଼ପବନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଜୋରରେ ପବନ ହୋଇ ଅନେକ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାର ତାର୍ଲାକୋଟା ଛକଠାରେ ଏକ ବଡ଼ ଗଛ ରାସ୍ତା ଉପରେ ପଡ଼ି ଦୁଇଘଣ୍ଟା ପର୍ଯ୍ୟନ୍ତ ଗାଡ଼ିମୋଟର ଯାତାୟାତ ବନ୍ଦ ରହିଥିଲା । ପବନରେ ତାର୍ଲାକୋଟା ପଞ୍ଚାୟତର ସର୍ଗିଗୁଡ଼ା, ପୁଷ୍ପାଲି, ବନୁର, ସାହେବଗୁଡ଼ା ଗ୍ରାମରେ ଘର ଭାଙ୍ଗିବା ସହ ଘରର ଛପର ଉଡ଼ିଯାଇଛି। ଗୋଟିଏ ଦୋକାନରୁ ଟିଣ ମଧ୍ୟ ଉଡ଼ାଇ ନେଇଛି କାଳବୈଶାଖୀ। ଫଳରେ ଦୋକାନର ବହୁ ସାମଗ୍ରୀ ନଷ୍ଟ ହୋଇଛି। ପୋଟ୍ରେଲ ଛକଠାରେ ମଧ ଗୋଟିଏ ଦୋକାନ ଗୃହ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ପବନ ବର୍ଷା କମିବାରୁ କୋରୁକୋଣ୍ଡା ଦମକଳ କେନ୍ଦ୍ର କର୍ମଚାରୀ ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛ କାଟି ରାସ୍ତା ସଫା କରିଥିଲେ। ଶୁକ୍ରବାର ରାଜସ୍ୱ ନିରୀକ୍ଷକ ସନ୍ତୋଷ ରାଉତ କାଳବୈଶାଖୀରେ କ୍ଷତିଗ୍ରସ୍ତ ଗ୍ରାମଗୁଡିକୁ ଯାଇ ଲୋକଙ୍କୁ ପଲିଥିନ ବାଣ୍ଟିଛନ୍ତି।

# ଘର ମାଲିକଙ୍କ ପୁଅ ଥାନାରେ ଅଟକ

ମାଲକାନଗିରି, ୬।୫(ଡି.ଏନ୍.ଏ.)

**ଯୁବତୀଙ୍କୁ ବଳାତ୍କାର ଅଭିଯୋଗ**

ମାଲକାନଗିରି ଜିଲା ଓର୍କେଲ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବରରୁ ଜଣାପଡ଼ିଛି ଚିତ୍ରକୋଣ୍ଡା ଥାନା ଅଞ୍ଚଳର ଜଣେ ଯୁବତୀ ବାଲିମେଳା କଲେଜରେ ଅଧ୍ୟୟନ କରନ୍ତି। ସେ ନିଜର ୩ଜଣ ସାଙ୍ଗଙ୍କ ସହ ବାଲିମେଳାରେ ଏକ ଘର ଭଡ଼ା ନେଇ ରହୁଥିଲେ। ତେବେ କଲେଜ ଛୁଟି ଥିବାରୁ ତାଙ୍କର ୨ ଜଣ ସାଙ୍ଗ ଘରକୁ ଚାଲିଯାଇଥିଲେ। ଚିତ୍ରକୋଣ୍ଡା ଅଞ୍ଚଳର ସମ୍ପୃକ୍ତା ଯୁବତୀ ଜଣକ ରହି କମ୍ପ୍ୟୁଟର ଶିକ୍ଷା ନେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ଏହି ଘର ମାଲିକଙ୍କ ପୁଅ ଯୁବତୀ ଜଣକ ରହୁଥିବା ଘରକୁ ଜବରଦସ୍ତ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀ ଜଣକ ଘଟଣା ସମ୍ପର୍କରେ ନିଜ ବଡ଼ଭାଇଙ୍କୁ ଜଣାଇବା ପରେ ଓର୍କେଲ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଘର ମାଲିକଙ୍କ ପୁଅକୁ ଅଟକ ରଖାଯାଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଜୋନ କୁଜୁର କହିଛନ୍ତି।

# ମୁଖ୍ୟ ରାସ୍ତାରେ ସିସି କ୍ୟାମେରା ଲଗାଇଲେ ସାମାଜିକ କର୍ମୀ ବିନୋଦ

ମାଲକାନଗିରି, ୬।୫ (ଡି.ଏନ୍.ଏ.)

ସାମାଜିକ କର୍ମୀ ବିନୋଦ ଟାୱାରି ମାଲକାନଗିରି ଜିଲା ସଦର ମହକୁମାର କେନାଲ ଛକ ନିକଟରେ ଶୁକ୍ରବାର ନିଜ ପ୍ରୟାସରେ ଏକ ସିସିଟିଭି ଲଗାଇଛନ୍ତି। ଏହି ଛକ ଛତିଶଗଡ଼କୁ ଯାତାୟାତ ଲାଗି ମୁଖ୍ୟ ରାସ୍ତା। ଏହା ଜୟପୁର-ମାଲକାନଗିରି ମୁଖ୍ୟ ସଡ଼କ ଏବଂ ସହରର ଅନ୍ୟ ସ୍ଥାନଗୁଡ଼ିକୁ ସଂଯୋଗ କରୁଥିବା ଏକ ପ୍ରମୁଖ ରାସ୍ତା ରୂପେ ପରିଚିତ। ପୂର୍ବରୁ ବିନୋଦ ଜିଲା ସଦର ମହକୁମାର ୩ଟି ମୁଖ୍ୟ ସ୍ଥାନରେ ଏଭଳି କ୍ୟାମେରା ଲଗାଇଛନ୍ତି। ଏହି କାର୍ଯ୍ୟ ପାଇଁ ସେ ଜିଲାବାସୀଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି।



ସିସି କ୍ୟାମେରା ଲଗାଉଛନ୍ତି ବିନୋଦ।

ଏଭଳି ସାମାଜିକ କାର୍ଯ୍ୟ ତାଙ୍କୁ ଆନନ୍ଦ ଦିଏ। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟ ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି।

# ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରାପୁଟ,୬।୫(ସ୍ୱ.ପ୍ର.)

**ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ**

କୋରାପୁଟ ଜିଲା ଲମତାପୁଟ ବ୍ଲକର ବ୍ରାହ୍ମଣୀପୁଟ ଗ୍ରାମାଞ୍ଚଳରେ ବେଆଇନ ଭାବେ କେତେଜଣ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ଦୋକାନ ଓ ଗୃହ ନିର୍ମାଣ କରି ସେଠାରେ ଅସାମାଜିକ କାର୍ଯ୍ୟ ଚଳାଇଛନ୍ତି। ଏହି ଗୃହ ଓ ଦୋକାନ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି। ବ୍ରାହ୍ମଣୀପୁଟ ଗ୍ରାମ ନିକଟସ୍ଥ ଛକରେ ଗ୍ରାମବାସୀଙ୍କ ସହ ବହୁ ସରକାରୀ କର୍ମଚାରୀ ମଧ୍ୟ ବିଭିନ୍ନ ଦୋକାନ ଘର କରିଛନ୍ତି। ସେଠାରେ ମଦ, ଗଞ୍ଜେଇ କାରବାର ସହ ବିଭିନ୍ନ ଅସାମାଜିକ କାର୍ଯ୍ୟ ସେମାନେ ଚଳାଇଛନ୍ତି। ଏନେଇ ଅନେକ ସମୟରେ ସେଠାରେ ଗଣ୍ଡଗୋଳ ପରି ପରିସ୍ଥିତି ସୃଷ୍ଟି ହେଉଛି । ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇ ସାପ୍ତାହିକ ହାଟ, ବସ୍‌ଷ୍ଟାଣ୍ଡ,ଶୌଚାଳୟ ଆଦି ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଶିବ ଦାର୍ଲି, ଲଛୁ କିର୍ସାନୀ, ମାଧବ ଦାର୍ଲିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଚଳଚ୍ଚିତ୍ର ନିର୍ମାତାଙ୍କୁ ଆକୃଷ୍ଟ କରୁଛି କୋରାପୁଟ ସୌନ୍ଦର୍ଯ୍ୟ

କୋରାପୁଟ,୬।୫(ସ୍ୱ.ପ୍ର.)

ସବୁ ସମୟରେ କୋରାପୁଟ ଜିଲାର ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଆସିଛି। ଏଥିପାଇଁ ବର୍ଷର ଅଧିକାଂଶ ସମୟ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଲୋକଙ୍କ ଭିଡ ଜମୁଛି। କେବଳ ପର୍ଯ୍ୟଟକ ନୁହନ୍ତି ଚଳଚ୍ଚିତ୍ର ନିର୍ମାତାମାନେ ମଧ୍ୟ କୋରାପୁଟକୁ ଝୁରି ହୋଇଥାନ୍ତି। ଗତ ୨୫ ଏପ୍ରିଲରୁ କୋରାପୁଟ ଜିଲାରେ ଝିଲିକ ଭଟାଚାର୍ଯ୍ୟଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଫିଲ୍ମ 'ତୋର ମୋର କଟି' ସୁଟିଂ ଚାଲିଛି। ଦେଓମାଳି, ତାଲାମଳି, ପୁଟସିଲ, କୋରାପୁଟ, ପୁରୁଣା ସୁନାବେଡା ହାଉସିଂ ବୋର୍ଡ ଅଞ୍ଚଳକୁ ସୁଟିଂର ଲୋକେଶନ ଭାବେ ନିଆଯାଇଛି। ଏଥିରେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଶୈଳେନ୍ଦ୍ର ସାମନ୍ତରାୟ, ଶୀତଲ ପାତ୍ର, ବବି ମିଶ୍ର, ଟୁଟୁ ନାୟକ, ସୁଧାଂଶୁ ମୋହନ ସାହୁ , ଜୀବନ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। କୋରାପୁଟର ବିଜୟ ପାତ୍ର ପ୍ରଯୋଜକ ଥିବା ବେଳେ ଈଶ୍ୱର ବାରିକ କ୍ୟାମେରା ଦାୟିତ୍ୱ ସମ୍ଭାଳିଛନ୍ତି।

# କଟକରେ ଖେଳିବେ ମାଲକାନଗିରି ମହିଳା କ୍ରିକେଟ ଟିମ୍




ଟି-୨୦କୁ ମନୋନୀତ ହୋଇଥିବା ମହିଳା କ୍ରିକେଟ ଖେଳାଳି।

ମାଲକାନଗିରି, ୬।୫(ଡି.ଏନ୍.ଏ.)

କଟକରେ ଆୟୋଜିତ ହେବାକୁ ଥିବା ଟି-୨୦ ୫ଦିନିଆ କ୍ରିକେଟ ଟୁର୍ନାମେଣ୍ଟରେ ମାଲକାନଗିରି ଜିଲାର ମହିଳା କ୍ରିକେଟ ଖେଳାଳି ସାମିଲହେବା ସୁଯୋଗ ପାଇଛନ୍ତି। ଏହି ଟୁର୍ନାମେଣ୍ଟରେ ବିଭିନ୍ନ ସ୍ଥାନରୁ ୨୪ଟି ଦଳ ଭାଗ ନେଇଛନ୍ତି। ଶୁକ୍ରବାର ଏହି ଖେଳାଳିମାନେ କଟକ ଯାତ୍ରା କରିଛନ୍ତି। ଏହି ଅବସରରେ ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକଙ୍କ ସମେତ ଓଡ଼ିଶା କ୍ରିକେଟ ଆସୋସିଏଶନର ସତବୀର ସିଂ ରିଆର, କ୍ରିକେଟ ଆସୋସିଏସନର ଜିଲା ଉପସଭାପତି ହୃଦାନନ୍ଦ ସାହୁ, ନାଥନବାଲା ପ୍ରମୁଖ ଦଣ୍ଡକାରଣ୍ୟ ଖେଳ ପଡ଼ିଆଠାରେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସମନ୍ୱୟ ବୈଠକ

ଭଞ୍ଜନଗର,୬।୫(ଡି.ଏନ୍.ଏ.):

ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜଙ୍ଗଲ ଏବଂ ବିଦ୍ୟୁତ ବିଭାଗ ମଧ୍ୟରେ ଗୁରୁବାର ସମନ୍ୱୟ ବୈଠକ ସ୍ଥାନୀୟ ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ଅଧ୍ୟକ୍ଷତା କରି ବନ୍ୟପ୍ରାଣୀ କିଭଳି ବିଦ୍ୟୁତ ସଂସ୍ପର୍ଶରେ ନ ଆସିବେ ସେ ନେଇ କହିଥିଲେ। ଯେଉଁଠି ବିଦ୍ୟୁତ ତାର ଓହଳି ରହିଛି ତାକୁ ନିର୍ଦ୍ଧାରିତ ଉଚ୍ଚତାକୁ କିଭଳି ଟଣା ଯାଇପାରିବ ତାହା କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ , ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଜାଗତ ଜିତ ଦାସ ମହାପାତ୍ର, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହାପରେ ଉଭୟ ବନଖଣ୍ଡର ରେଞ୍ଜର ମାନଙ୍କୁ ନେଇ ଅଲଗା ଅଲଗା ବନଖଣ୍ଡର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଉପରେ ଆଲୋଚନା ହୋଇଥିଲା।

# ମାଥାଲପୁଟ ଶନିମନ୍ଦିରର ସପ୍ତମ ବାର୍ଷିକୋତ୍ସବ



ଦାମନଯୋଡ଼ି,୬।୫(ଡି.ଏନ.ଏ.)

ମାଥାଲପୁଟସ୍ଥିତ ଶନିଦେବଙ୍କ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ କଳସ ଯାତ୍ରା, ସୂର୍ଯ୍ୟ ନାରାୟଣଙ୍କ ପୂଜା ସହିତ ଚାରିପ୍ରହର ନାମଯଜ୍ଞ ହୋଇଥିଲା। ପରେ ବିଭିନ୍ନ ତୀର୍ଥଜଳ, ପଇଡ଼ ଜଳ, ରାଶିତେଲ ଆଦିରେ ଶ୍ରୀଶନିଦେବଙ୍କ ମହାସ୍ନାନ କରାଯାଇ ବେଶ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଉପଚାର ପୂଜା, ହୋମଯଜ୍ଞ କରାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଥିଲା। ପୂଜକ ହରିହର ନନ୍ଦ, ଅନିଲ ଦାଶ, ମାଧବ ପଣ୍ଡା ଓ ନିମାଇଁ ଚୌଧୁରୀ ପୂଜାକାର୍ଯ୍ୟ କରିଥିଲେ। ମାନସ ରଞ୍ଜନ କର ଓ ସ୍ତ୍ରୀ ସୁଚିତ୍ରା କର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ହରିବନ୍ଧୁ ବିଶ୍ୱାଳ ଓ ସ୍ତ୍ରୀ ଝୁନୁ ବିଶ୍ୱାଳ ନାମଯଜ୍ଞରେ କର୍ତ୍ତା ଥିଲେ। କର୍ମକର୍ତ୍ତା ଶଙ୍କର ସାହୁ, କାଳୀଚରଣ ପାଟଜୋଷୀ, ଆକୁଳ ଜେନା, ପଞ୍ଚାନନ ପାତ୍ର, କୃଷ୍ଣ ସିଲ, ଶଙ୍କର ପାତ୍ର ଓ ଅଶୋକ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପିଣ୍ଟୁ ସାଇଁ, ପିଣ୍ଟୁ ନାୟକ, ସନ୍ତୋଷ ପାଢ଼ୀ, ବବଲୁ ରାଉତ ସହଯୋଗ କରିଥିଲେ।

# ସ୍ମରଣିକା ଉନ୍ମୋଚନ, କବିତାପାଠରେ ପ୍ରଭୁଦାନ ଭଦ୍ରାଙ୍କ ଜୟନ୍ତୀ ପାଳିତ

ଜୟପୁର, ୬।୫ (ନି.ପ୍ର.)

ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ପ୍ରଭୁଦାନ ଭଦ୍ରାଙ୍କ ୯୧ତମ ଜୟନ୍ତୀ ଅବସରରେ ଶୁକ୍ରବାର ଏକ ସ୍ମରଣିକା 'ବିଶ୍ୱାସ' ଉନ୍ମୋଚିତ ହୋଇଯାଇଛି। ଫ୍ଲୋରେନ୍ସ ନାଇଟିଙ୍ଗେଲର ସଭାପତି ଯଜ୍ଞେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ.ଯୁଗଳ କିଶୋର ମିଶ୍ର, ମୁଖ୍ୟବକ୍ତା ଭାବେ ଗବେଷକ ଡ.ରାଜେନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢ଼ୀ ଯୋଗଦେଇ ସ୍ୱର୍ଗତ ଭଦ୍ରାଙ୍କର କର୍ମମୟ ଜୀବନ, ସାରସ୍ୱତ ସୃଷ୍ଟି ସମ୍ଭାର, ସାମ୍ବାଦିକତା, ସାଙ୍ଗଠନିକ ଦକ୍ଷତା,ସମାଜସେବା ଉପରେ ଆଲୋକପାତ କରିଥିଲେ। କବୟିତ୍ରୀ କବିତା ସାହୁ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ପ୍ରକାଶ ମହାନନ୍ଦିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଭି.ଭାସ୍କର ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଲକ୍ଷ୍ମୀକାନ୍ତ ରଥ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଚନ୍ଦ୍ରମଣି ବାରିକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। କବିତାଗୁଡିକୁ କବି କୃଷ୍ଣଚନ୍ଦ୍ର ହୋତା ଓ କବୟିତ୍ରୀ ଶୋଭାଗିନୀ ନନ୍ଦ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ବେନ୍ୟା,ମମତା ବେହେରା,ଉଦୟନାଥ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗୌରବ ଭଦ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ରୁ ମୂଳାସୁର ଗ୍ରାମରେ ୨ଦିନିଆ ବାଲିଯାତ୍ରା

ଜୟପୁର, ୬।୫ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲି ପଞ୍ଚାୟତ ମୂଳାସୁର ଗ୍ରାମରେ ଗ୍ରାମବାସୀ ବାଲିଯାତ୍ରା କରିବାକୁ ନିଷ୍ପତ୍ତି ନେଇ ଶୁକ୍ରବାର ଏଥିପାଇଁ ଅନୁମତି ଆଣିବାକୁ ଜୟପୁର ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ୧୧ ଓ ୧୨ ତାରିଖରେ ଗ୍ରାମରେ ବାଲିଯାତ୍ରା ହେବ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ରହିଛି। ଅନୁମତି ଆଣିବାକୁ ଯାଇଥିବା ଗ୍ରାମବାସୀଙ୍କ ମଧ୍ୟରେ ସାମାଜିକ କର୍ମୀ ବି.ହରିବାବୁ, ଶ୍ୟାମ ସୁନ୍ଦର ନାୟକ, ଲକ୍ଷ୍ମଣ ତନ୍ତି, ନାରାୟଣ ତନ୍ତି, ସରପଞ୍ଚ ଆନନ୍ଦ ହାଲବା ପ୍ରମୁଖ ଥିବା ଜଣାପଡିଛି।



ଅନୁମତି ପାଇଁ ଥାନାକୁ ଆସିଥିବା ଗ୍ରାମବାସୀ ।

# ମାରଓ୍ୱାଡି ଯୁବାମଞ୍ଚର ବୈଠକ

ଜୟପୁର, ୬।୫ (ନି.ପ୍ର.)

ମାରଓ୍ୱାଡି ଯୁବାମଞ୍ଚ ପକ୍ଷରୁ ଶୁକ୍ରବାର ଜୟପୁର ଅଗ୍ରସେନ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ୧୦ରେ ହେବାକୁ ଥିବା କର୍କଟ ରୋଗ ଚିହ୍ନଟ ଶିବିର ସମ୍ପର୍କରେ ଆଲୋଚନା ହୋଇଥିଲା। ଏନେଇ ଏକ ଭ୍ୟାନ୍ ଦିଲ୍ଲୀରୁ ବାହାରି ୧୦ରେ ଜୟପୁରରେ ପହଞ୍ଚିବ। ଯୁବାମଞ୍ଚ ତରଫରୁ ଜୟପୁର ବିକ୍ରମଦେବ କଲେଜର କର୍ମସ ବ୍ଲକରେ ଦିନିକିଆ କର୍କଟ ରୋଗ ଚିହ୍ନଟ ଶିବିର ଆୟୋଜନ କରାଯାଇଛି। ସକାଳ ୯ରୁ ସନ୍ଧ୍ୟା ୬ ଯାଏ ଶିବିର ଚାଲିବ। ବୈଠକରେ ଚାମ୍ବର ଅଫ୍ କମର୍ସର ସଭାପତି ରାଜ ପାଲ ଖୁରାନା, ଅଗ୍ରସେନ ସମିତି ସଭାପତି ଦୀନବନ୍ଧୁ ଅଗ୍ରୱାଲ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶିବା ପ୍ରତାପ ପଟ୍ଟନାୟକ, ପ୍ରଫୁଲ୍ଲ ପାଠୀ, ସନ୍ତୋଷ ସାହୁ, ଆୟୋଜକ ଅତିଶ ଅଗ୍ରୱାଲ, ସୌରଭ ଗୁପ୍ତା, ଯୁବମଞ୍ଚର ସଭାପତି ବରୁଣ ଜୈନ, ସମ୍ପାଦକ ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବାମଞ୍ଚ ପକ୍ଷରୁ ବସିଥିବା ବୈଠକ ।

# ଆଦିବାସୀ, ଶବର ସମ୍ପ୍ରଦାୟକୁ ସାମିଲନେଇ ଜିଲାପାଳଙ୍କୁ ଦାବିପତ୍ର

କୋରାପୁଟ,୬।୫(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା ଓ ପୂଜା କମିଟିରେ ଆଦିବାସୀ ଏବଂ ଶବର ସମ୍ପ୍ରଦାୟଙ୍କୁ ପୂର୍ବଭଳି ସାମିଲ କରିବା ପାଇଁ ଗୁରୁବାର ଜିଲାପାଳଙ୍କୁ ଅବିଭକ୍ତ କୋରାପୁଟ ଜିଲା ଆଦିବାସୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । କୋରାପୁଟ ଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ଓ ପୂଜା କାର୍ଯ୍ୟରେ ପୂର୍ବରୁ ଆଦିବାସୀଙ୍କୁ ସାମିଲ କରାଯାଉଥିଲା। ପୂର୍ବତନ ମନ୍ଦିର ପରିଚାଳନା କମିଟି ସମ୍ପାଦକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଆମ ଆଦିବାସୀଙ୍କ ମତାମତ ଲୋଡ଼ି ମନ୍ଦିରର ସମସ୍ତ କାର୍ଯ୍ୟରେ ଆଦିବାସୀଙ୍କୁ ସାମିଲ କରୁଥିଲେ । ବିଭିନ୍ନ କମିଟିରେ ମଧ୍ୟ ସେମାନଙ୍କୁ ରଖାଯାଉଥିଲା । ଅବିଭକ୍ତ କୋରାପୁଟ ଜିଲା ଆଦିବାସୀ ମୁଖିଆମାନଙ୍କୁ କମିଟିରେ ସଭ୍ୟ ଭାବେ ଗ୍ରହଣ କରାଯାଉଥିଲା । ଫଳରେ ଏହି ମୁଖିଆମାନେ ଗ୍ରାମ ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣ କରି ଜଗନ୍ନାଥ ସଂସ୍କୃତି ପ୍ରଚାର କରିବାରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲେ। ମାତ୍ର ବର୍ତ୍ତମାନ ମନ୍ଦିରର କୌଣସି କାର୍ଯ୍ୟରେ ଆଦିବାସୀଙ୍କୁ ସାମିଲ କରାଯାଉନାହିଁ । ପୂର୍ବଭଳି ଆଦିବାସୀଙ୍କୁ ସମସ୍ତ କାର୍ଯ୍ୟରେ ସାମିଲ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଧନେଶ୍ୱର ରାଉତ, ବିଦ୍ୟାଧର ଶବର, ଅଜୟ ମାଡିଙ୍ଗି, ବୈରାଗୀ ମାଝି, ନୂଆ ମାଝି, ବିନାୟକ କୁଲସିକା, ଚନ୍ଦ୍ରପାଣି ଗମାଙ୍ଗଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶବର ସମ୍ପ୍ରଦାୟର ଆଦିବାସୀମାନେ ।

**ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି**

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଜଗନ୍ନାଥପ୍ରସାଦ,୬ା୫(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଗ୍ରାମ କୁମ୍ଭାର ସାହିର ସୂର୍ଯ୍ୟକାନ୍ତ ବେହେରା (୩୫) ବିଷପିଇ ଆତ୍ମହତ୍ୟା କରିଛନ୍ତି। ସୂର୍ଯ୍ୟକାନ୍ତଙ୍କ ଘର ବେଲଗୁଣ୍ଠା ବ୍ଲକ ତନରଡା ଗ୍ରାମରେ। ପ୍ରାୟ ୧୨ ବର୍ଷ ପୂର୍ବେ ଜଗନ୍ନାଥପ୍ରସାଦ କୁମ୍ଭାର ସାହିର ଗୀତାଞ୍ଜଳି ବେହେରାଙ୍କୁ ବିବାହ କରି ଘର ଜ୍ୱାଇଁ ଭାବେ ରହୁଥିଲେ। ପ୍ରାୟ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହୁଥିଲା। ଶ୍ରମିକ ଭାବେ ସୂର୍ଯ୍ୟକାନ୍ତ କାମ କରୁଥିବା ବେଳେ ଗୁରୁବାର ମଧ କାମ କରିବାକୁ ଯିବାବେଳେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ କାମରୁ ମଧ୍ୟାହ୍ନରେ ଖାଇବାକୁ ଘରକୁ ଆସି କବାଟ ବାଡେଇ ଡାକିଥିଲେ ମଧ ଗୀତାଞ୍ଜଳି ଖୋଲିନଥିଲେ। ତେଣୁ ସେ ମାନସିକ ଅଶାନ୍ତି ହୋଇ ମୂଷାମରା ଔଷଧ ପିଇ ଆମ୍ବତୋଟାରେ ଶୋଇପଡ଼ିଥିଲେ। ଅପରାହ୍ନରେ କେତେଜଣ ଲୋକେ ତାଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚେତା ଫେରିବା ପରେ ସେ ବିଷ ପିଇଥିବା କଥା କହିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଭଞ୍ଜନଗର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୂର୍ଯ୍ୟକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ନଂ.୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ପ୍ରସାଦ ସେବନ ବେଳେ ଦଳାଚକଟା, ୫ ଗୁରୁତର

**ଗୋପାଳପୁର,୬ା୫(ଡି.ଏନ.ଏ.):** ଗୋପାଳପୁର ଥାନା ଅଧିନସ୍ଥ ମାଣ୍ଡିଆପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ପ୍ରସାଦ ସେବନ ବେଳେ ଦଳା ଚକଟାରେ ୫ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଭଞ୍ଜ ବିହାର ଫାଣ୍ଡି ପୋଲିସ ପହଞ୍ଚି ଗୁରୁତରଙ୍କୁ ମେଡ଼ିକାଲ ପଠାଇଥିଲା। ୨ ତାରିଖରୁ ଆରମ୍ଭ ହୋଇଥିବା ୨୪ ପ୍ରହର ନାମଯଜ୍ଞରେ ଗୁରୁବାର ଶେଷ ଦିନ ଥିଲା। ଏଥିରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାତି ପ୍ରାୟ ସାଢ଼େ ୯ଟାରେ ପ୍ରସାଦ ସେବନ ପାଇଁ ଅତ୍ୟଧିକ ଗହଳି ହେବାରୁ ଦଳା ଚକଟାରେ ୫ ଗୁରୁତର ହୋଇଥିଲେ। ସେମାନେ ମେଡିକାଲ୍‌ରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଦଳା ଚକଟାରେ କିଛି ଲୋକଙ୍କ ସୁନା ରୁପା କମିଟି ସଭ୍ୟଙ୍କୁ ମିଳିଥିବା ବେଳେ ହଜିଥିବା ବ୍ୟକ୍ତିଙ୍କୁ ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

### ମୃତକଙ୍କ ମା'ଙ୍କୁ ହତ୍ୟା ଧମକ

**ଦିଗପହଣ୍ଡି,୬ା୫(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଦେଖାଲୀ ଗ୍ରାମର ବହୁଚର୍ଚ୍ଚିତ ପ୍ରମୋଦିନୀ ନାୟକ ହତ୍ୟା ମାମଲାର ପ୍ରମୁଖ ସାକ୍ଷୀ ରହିଥିବା ଖୋଦ ପ୍ରମୋଦିନୀଙ୍କ ମା'ଙ୍କୁ ହତ୍ୟା ଧମକ ଦିଆଯାଇଛି। ଏ ନେଇ ପ୍ରମୋଦିନୀଙ୍କ ମା' ରମା ନାୟକ କେନ୍ଦୁଆଗାଁ ଥାନାରେ ଲିଖିତ ଏତଲା ଦେଇଛନ୍ତି। ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଥିବା ପ୍ରକାଶ ବେହେରା ରମାଙ୍କୁ ହତ୍ୟା ମାମଲା ଉଠାଇବାକୁ ବାଧ କରିବା ସହ କେସ ପ୍ରତ୍ୟାହାର ନ କଲେ ପ୍ରାଣରେ ମାରିଦେବାକୁ ଧମକ ଦେଉଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ରମାଙ୍କ ଏତଲା କ୍ରମେ ପୋଲିସ ନଂ. ୧୦୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଥାଉକି, ଗତ ୧୦.୫.୨୦୨୦ରେ ପ୍ରମୋଦିନୀ ତାଙ୍କ ମା'ଙ୍କ ସହ ମିଶି ଗାଁ ନିକଟ ରାଶି କ୍ଷେତକୁ ଯାଇଥିଲେ। ସେଠାରୁ ପ୍ରମୋଦିନୀ ଏକାକୀ ନିକଟସ୍ଥ କଣ୍ଟେଇଯୋଡି ନଦୀକୁ ଗାଧୋଇ ଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ନଦୀପଠାରୁ ପ୍ରମୋଦିନୀଙ୍କ ମୃତଦେହ ମିଳିବା ପରେ ପୋଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ପ୍ରକାଶ ବେହେରାଙ୍କୁ ଗିରଫ କରିଥିଲା। ଜାମିନରେ ଫେରିବା ପରେ ପ୍ରକାଶ ଏଭଳି ଧମକ ଦେଉଥିବା ରମା ପୋଲିସକୁ କହିଛନ୍ତି।

# ୯ରୁ ବିଶାଖାପାଟଣା-କୋରାପୁଟ ଟ୍ରେନ୍‌ରେ ଭିଷ୍ଟାଡମ୍ କୋଚ୍

■ ଅବିଭକ୍ତ କୋରାପୁଟ ଜିଲାର ସୌନ୍ଦର୍ଯ୍ୟ ଉପଭୋଗ କରିବେ ପର୍ଯ୍ୟଟକ

■ ପର୍ଯ୍ୟଟନର ବିକାଶ ହେବ, ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ିବ

**ରାୟଗଡ଼ା ଅଫିସ/କୋରାପୁଟ, ୬ା୫(ସ୍ୱ.ପ୍ର.)**

ଏଣିକି ଅବିଭକ୍ତ କୋରାପୁଟ ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଟ୍ରେନ୍‌ରୁ ମନଭରି ଉପଭୋଗ କରିପାରିବେ ପର୍ଯ୍ୟଟକ। ଏଥିପାଇଁ ବିଶାଖାପାଟଣା-କୋରାପୁଟ ଏବଂ କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରେ ସଂଯୋଗ ହେବ ଆଇସିଏଫ୍ ଭିଷ୍ଟାଡମ୍(ଶୀତତାପ ନିୟନ୍ତ୍ରିତ)କୋଚ୍। ମେ ୯ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ସ୍ୱତନ୍ତ୍ର କୋଚ୍ ସୁବିଧା ସହ ଏହି ଟ୍ରେନ୍ ବିଶାଖାପାଟଣାରୁ କୋରାପୁଟ ଚଳାଚଳ କରିବ। ସେହିପରି ମେ ୧୦ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଏହା କୋରାପୁଟରୁ ବିଶାଖାପାଟଣା ଚଳାଚଳ କରିବ ବୋଲି ଡିଭିଜନାଲ କମର୍ସିଆଲ ମ୍ୟାନେଜର ଏ. କେ. ତ୍ରିପାଠୀ ସୂଚନା ଦେଇଛନ୍ତି।

ଭିଷ୍ଟାଡମ୍ କୋଚ୍‌ରେ ସ୍ୱତନ୍ତ୍ର କାଚ ଝରକା ଲାଗିଥିବାବେଳେ ଆରାମଦାୟକ ବ୍ୟବସ୍ଥା ରହିଛି। ବିଶେଷକରି ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏହା ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ପର୍ଯ୍ୟଟକମାନେ ଆରାମରେ ବସି କାଚ ଝରକା ବାଟରୁ କୋରାପୁଟ ଏବଂ ରାୟଗଡ଼ା ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ପାହାଡ଼, ଝରଣା ଆଦିକୁ ଉପଭୋଗ କରିପାରିବେ। ସ୍ଥାନୀୟ ଲୋକଙ୍କ ପାଇଁ ଏହା ରୋଜଗାର ମଧ ସୃଷ୍ଟି କରିପାରିବ। ସ୍ୱତନ୍ତ୍ର କୋଚ୍ ରହିଥିବା ଏହି ଟ୍ରେନ୍ ସୋମବାର, ବୁଧବାର ଓ ଶନିବାର ବିଶାଖାପାଟଣାରୁ କୋରାପୁଟ ଚାଲିବ। ସେହିପରି ମଙ୍ଗଳବାର, ଗୁରୁବାର ଏବଂ ରବିବାର କୋରାପୁଟରୁ ବିଶାଖାପାଟଣା ଚଳାଚଳ କରିବ। ଏହାଦ୍ୱାରା ଦେଶର ବିଭିନ୍ନ ଅଞ୍ଚଳର ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶା ରହିଛି।



ବିଶାଖାପାଟଣା-କୋରାପୁଟ ପାସେଞ୍ଜର ଟ୍ରେନ୍‌ରେ ସଂଯୋଗ ହେବାକୁ ଥିବା ଭିଷ୍ଟାଡମ୍ କୋଚ୍।

ସୂଚନାଯୋଗ୍ୟ, ଏହି ଭିଷ୍ଟାଡମ୍ କୋଚ୍ ପୂର୍ବରୁ ବିଶାଖାପାଟଣା-ଆରକୁ ମଧ୍ୟରେ ଚଳାଚଳ କରୁଛି। ଏହାକୁ ରାୟଗଡ଼ା ଏବଂ କୋରାପୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ୨୦୨୧ ଡିସେମ୍ବରରେ ପାର୍ଲାମେଣ୍ଟର ଶୂନ୍ୟକାଳରେ ଦାବି ଉପସ୍ଥାପନ କରିଥିଲେ। ଏହାକୁ ବିଚାରକୁ ନେଇ ଏଭଳି ନିଷ୍ପତ୍ତି ନିଆଯାଇଥିବା ଏମ୍‌ପି ସୂଚନା ଦେଇଛନ୍ତି। କିଛିଦିନ ତଳେ ରେଳମନ୍ତ୍ରୀ କୋରାପୁଟ ଗସ୍ତରେ ଆସିଥିବାବେଳେ ଜିଲାର ବୁଦ୍ଧିଜୀବୀ ମଧ ଏହି ଦାବି ରଖିଥିଲେ।

# ତାଣ୍ଡବ ରଚିଲା କାଳବୈଶାଖୀ



ଗ୍ରାମବାସୀ ରାସ୍ତାରୁ ଗଛ ହଟାଉଛନ୍ତି ।

■ ଭାଙ୍ଗିଲା ଶତାଧିକ ଗଛ

■ ରାସ୍ତାରୁ ଗଛ ହଟାଇଲେ ଗ୍ରାମବାସୀ

**ଝରିଗାଁ, ୬ା୫(ସ୍ୱ. ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଶୁକ୍ରବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ଫଳରେ ଝରିଗାଁ ଉମରକୋଟ ମୁଖ୍ୟ ରାସ୍ତା କଡ଼ରେ ଶତାଧିକ ଗଛ ଭାଙ୍ଗିଥିଲା। ଧନପୁର ଗ୍ରାମ ନିକଟରେ ଏକ ବନ୍ଦ ଦୋକାନ ଘର ଛାତ ଉପରେ ନୀଳଗିରି ଗଛ ଭାଙ୍ଗି ପଡିଥିଲା। ଏହାଦ୍ୱାରା ଯାତାୟତ ବନ୍ଦ ଥିଲା। ବର୍ଷା ପନ କମିବା ମାତ୍ରେ ସିଉନାଗୁଡା, ଅଞ୍ଚଳା, ଏକମ୍ବା, ଧନପୁର ଆଦି ଗ୍ରାମର ଲୋକେ ରାସ୍ତା ମଧ୍ୟରେ ପଡି ରହିଥିବା ଗଛ କାଟି ସଫା କରିଥିଲେ। ଏହା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

# ୪ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା, ଚାଉଳରୁ ବଞ୍ଚିତ ଗୁନ୍ଦାଇ

■ ବୟସ ଅଧିକ ଯୋଗୁ ପଞ୍ଚାୟତ ଅଫିସ ଯାଇପାରୁନାହାନ୍ତି

■ ଭଙ୍ଗା ଘରେ କଷ୍ଟରେ ବିତୁଛି ବୃଦ୍ଧାଙ୍କ ଜୀବନ

**ଟିକିରି,୬ା୫(ଡି.ଏନ୍.ଏ.)**

ବୟସ ୯୦ ଟପିଲାଣି। ଆଖିକୁ ଭଲ ଦିଶୁନାହିଁ କି ଅଣ୍ଟା ସଳଖି ହେଉନାହିଁ। ତେଣୁ ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରୁନାହାନ୍ତି। ଫଳରେ ତାଙ୍କୁ ଭତ୍ତା ଟଙ୍କା ଏବଂ ରାଶନ ମିଳୁନାହିଁ। ସେହିପରି ପକ୍କା ଘରଟିଏ ନ ଥିବାରୁ ଖରା, ବର୍ଷାରେ ଭଙ୍ଗାଘରେ କଷ୍ଟରେ ଜୀବନ ବିତୁଛି। ଏ ହେଉଛି ରାୟଗଡା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଗୁମୁରାପୁଟ ଗ୍ରାମର ଗୁନ୍ଦାଇ ମାଝିଙ୍କ ଦୁଃଖ।

ଗୁନ୍ଦାଇଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ଖାଉଟି କାର୍ଡରେ ଚାଉଳ ମିଳୁଥିଲା। ସେଥିରେ ସେ ଚଳୁଥିଲେ। ବୟସ ଅଧିକ ଯୋଗୁ ଏବେ ସେ ଭତ୍ତା ଏବଂ ଚାଉଳ ଆଣିବାକୁ ଯାଇପାରୁନାହାନ୍ତି। ଫଳରେ ପ୍ରାୟ ୪ ମାସ ହେଲା ସେ ଭତ୍ତା ପାଇବାରୁ ବଞ୍ଚିତ ଥିବା ଗୁନ୍ଦାଇ ଅଭିଯୋଗ କରିଛନ୍ତି। ସରକାରଙ୍କ ଆବାସ ଯୋଜନାରୁ ମଧ ସେ ବଞ୍ଚିତ ଥିବା କହିଛନ୍ତି। ଭତ୍ତା ଘରେ ପହଞ୍ଚାଇବା ଓ ଆବାସ ଯୋଜନାରେ ଘରଟିଏ ପାଇଁ ସେ ସମସ୍ତଙ୍କୁ ଜଣାଇଥିଲେ ମଧ ସୁଫଳ ମିଳିନାହିଁ। ଭଙ୍ଗା ଘରର ଛପର ମରାମତି ପାଇଁ ମଧ ଟଙ୍କା ନାହିଁ। ଚାଉଳ ନ ଥିବାରୁ କେହି ଗଣ୍ଡେ ଖାଇବାକୁ ଦେଲେ ଖାଉଛନ୍ତି ନଚେତ ଅନେକ ରାତି ଓପାସରେ କାଟୁଥିବା ଲୁହ ଛଳ ଛଳ ଆଖିରେ ଗୁନ୍ଦାଇ କହିଛନ୍ତି।

ବୟସ୍କ ଲୋକେ ପଞ୍ଚାୟତ ଅଫିସ ଆସି ନ ପାରିଲେ ସେମାନଙ୍କ ଭତ୍ତା ଘରେ ପହଞ୍ଚାଇବା ବ୍ୟବସ୍ଥା ରହିଛି। କିନ୍ତୁ କାଶୀପୁର ବ୍ଲକରେ ଅନେକ ବୟସ୍କ ବ୍ୟକ୍ତି ଏଥିରୁ ବଞ୍ଚିତ ରହିଛନ୍ତି। ଏ ନେଇ କାଶୀପୁର ବିଡିଓ ଦେବାଶିଷ କରଙ୍କୁ ପଚାରିବାରୁ ଗୁନ୍ଦାଇଙ୍କ ନିକଟରେ ଭତ୍ତା ଟଙ୍କା ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ଭଙ୍ଗା କୁଡ଼ିଆରେ ଗୁନ୍ଦାଇ।

### ବଜ୍ରପାତରେ ଯୁବତୀ ଆହତ

**ବଲସକୁମ୍ପା,୬ା୫**

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଆଡାସିପଡା ଗ୍ରାମରେ ଗୁରୁବାର ରାତିରେ ବଜ୍ରପାତ ହେବାରୁ ଜଣେ ଯୁବତୀ ଆହତ ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ଶ୍ରୀରେଖା ଦଳବେହେରା (୧୯)। ରାତି ପ୍ରାୟ ୨ଟାରେ ଶୋଇଥିବା ଅବସ୍ଥାରେ ଶ୍ରୀରେଖା ବଜ୍ରପାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ବୃଦ୍ଧ ଦମ୍ପତିଙ୍କ ଘରୁ ଲୁଟ୍: ନ୍ୟାୟ ଲାଗି ଏସ୍‌ପିଙ୍କ ଦ୍ୱାରସ୍ଥ

**ଛତ୍ରପୁର,୬ା୫(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଥାନା ଅଧୀନ ସିକୁଲା ପାର୍ବତୀପୁର ସାହିର ବୃଦ୍ଧ ଦମ୍ପତି ଡାଳି ଲେଙ୍କା ଓ ପ୍ରହଲ୍ଲାଦ ଲେଙ୍କାଙ୍କୁ ଗତ ୪ ତାରିଖ ରାତିରେ ଆକ୍ରମଣ ଉଦ୍ୟମ କରାଯାଇଥିଲା। ଏଥିସହ ତାଙ୍କ ଘରୁ ଟଙ୍କା, ସୁନା ଲୁଟ୍ ଓ ଆସବାବପତ୍ରକୁ ଭଙ୍ଗାରୁଜା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଡାଳି ପୁରୁଷୋତ୍ତମପୁର ଥାନାରେ ଏତଲା ଦେଇଛନ୍ତି। ନ୍ୟାୟ ପାଇଁ ଦମ୍ପତି ଶୁକ୍ରବାର ଗଞ୍ଜାମ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଛନ୍ତି।

# ଏବିଭିପିର ପ୍ରାନ୍ତ ସମୀକ୍ଷା ବୈଠକ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**କୋରାପୁଟ,୬ା୫(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପ୍ରାନ୍ତ ସମୀକ୍ଷା ଓ ଯୋଜନା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ୩ ଦିନବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ଏବିଭିପିର ଜାତୀୟ ଯୁଗ୍ମ ସମ୍ପାଦକ ଗୋବିନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ। ଏବିଭିପିର ରାଜ୍ୟ ସଭାପତି ଗାର୍ଗି ବାର୍ନାଜୀ, ସାଧାରଣ ସମ୍ପାଦକ ସୌଭାଗ୍ୟ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ବାଇଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହି ଏବିଭିପିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା କଲେଜ ନିର୍ବାଚନ ପ୍ରସ୍ତୁତି, ସ୍ୱାଧୀନତାର ୭୫ ବର୍ଷ ଅବସରେ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ପୁସ୍ତକ ପ୍ରକାଶ, ଛାତ୍ରୀଛାତ୍ରଙ୍କୁ ବିକାଶ ସମ୍ପର୍କିତ ସୂଚନା ଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ପାଇକ ମାଦାଖାଲରେ ମ୍ୟାଲେରିଆ ଆତଙ୍କ

**ସପ୍ତାହରେ ୨୫ ପୀଡ଼ିତ**

**ମୁନିଗୁଡ଼ା,୬ା୫(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ପାଇକ ମାଦାଖାଲା ଗାଁରେ ସପ୍ତାହେ ହେଲା ଜ୍ୱର ବ୍ୟାପିଛି। ଗାଁରେ ଏ ପର୍ଯ୍ୟନ୍ତ ୨୫ରୁ ଊର୍ଦ୍ଧ୍ୱ ଲୋକ ଜ୍ୱରରେ ପିଡ଼ିତ ଥିବାବେଳେ ଅଧିକାଂଶଙ୍କ ଠାରେ ମ୍ୟାଲେରିଆ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ରୋଗୀ ପ୍ରଥମେ ଆଣ୍ଠୁ ଗଣ୍ଠି ଓ ସମ୍ପୂର୍ଣ୍ଣ ଶରୀରରେ ପୀଡ଼ା ଅନୁଭବ କରୁଛନ୍ତି। ପରେ ଜ୍ୱର ହେଉଥିବାବେଳେ ପରୀକ୍ଷା କଲେ ମ୍ୟାଲେରିଆ ବାହାରୁଛି।

ଗାଁରେ ୩୨ ପରିବାର ରହୁଥିବାବେଳେ କାହାର ଆର୍ଥିକ ସ୍ଥିତି ଭଲ ନାହିଁ। ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଠାରୁ ୧୪ କି.ମି. ଦୂର। ନିକଟସ୍ଥ କୁମୁଡ଼ାବାଲି ଗ୍ରାମକୁ ଯାଇ ଗ୍ରାମବାସୀ ଚିକିତ୍ସିତ ହେଉଛନ୍ତି। ସେହିପରି ଅଧିକାଂଶ ରୋଗୀ ଦୋକାନରୁ ଔଷଧ କିଣି ଖାଉଥିଲେ ମଧ ସୁସ୍ଥ ହେଉ ନ ଥିବା ଗ୍ରାମର ଧର୍ମ ବାବୁ, ମଞ୍ଜୁଳା ପ୍ରଧାନୀ, ଶ୍ରୀବତ୍ସ, ପାତ୍ର ଓ ବୁଲୁ ପାତ୍ର କହିଛନ୍ତି। ମୁନିଗୁଡ଼ା ସ୍ୱାସ୍ଥ୍ୟ ବିଭାଗ ଏହି ଖବର ପାଇବା ପରେ ଗାଁକୁ ଡାକ୍ତରୀ ଟିମ୍ ଯାଇ ରୋଗୀମାନଙ୍କୁ ଔଷଧ ଦେବା ସହ ସଚେତନ କରିଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର କହିଛନ୍ତି।



### ବରିଷ୍ଠ ନାଗରିକଙ୍କୁ ପଟ୍ଟା ପ୍ରଦାନ କଲେ ତହସିଲଦାର

**ପୁରୁଷୋତ୍ତମପୁର,୬ା୫(ଡି.ଏନ.ଏ.)**

ପୁରୁଷୋତ୍ତମପୁର ତହସିଲଦାର ନିତିଶ କୁମାର ତ୍ରିପାଠୀ ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ଘରକୁ ଘର ଯାଇ ପଟ୍ଟା ପ୍ରଦାନ କରିଛନ୍ତି। ତହସିଲଦାରଙ୍କ ନିର୍ଦ୍ଦେଶ ପ୍ରକାରେ ରାଇପୁର ରାଜସ୍ୱ ସର୍କଲର ଜଣେ ବରିଷ୍ଠ ନାଗରିକ ପଟ୍ଟା ଲାଗି ଆବେଦନ କରିଥିବା ବେଳେ ତାଙ୍କ ଘରକୁ ଯାଇ ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଟୁଡୁ ଓ କର୍ମଚାରୀମାନେ ପଟ୍ଟା ପ୍ରଦାନ କରିଛନ୍ତି। ଏଭଳି କାର୍ଯ୍ୟକୁ ଜନସାଧାରଣଙ୍କ ମହଲରୁ ପ୍ରଶଂସା କରାଯାଇଛି।

# ପାଣି ପାଇଁ ଖର୍ଚ୍ଚ ହେବ ୧୮୦୮ କୋଟି

**ଭଞ୍ଜନଗର,୬ା୫(ଡି.ଏନ.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଭଞ୍ଜନଗର ପଞ୍ଚାୟତ ସମିତିର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକର ଉନ୍ନତି ପାଇଁ ଅର୍ଥ ଅଭାବ ନାହିଁ। ଅଧିକ କାମ ହେଲେ ଅଧିକ ଅନୁଦାନ ମିଳିବ ବୋଲି ମନ୍ତ୍ରୀ କହିଥିଲେ। ଏଥିସହ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ଶେଷ କରିବା, ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଦଳମତ ନିର୍ବିଶେଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଯେଭଳି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଆନ୍ତରିକ ଉଦ୍ୟମ କରିବା ପାଇଁ ମନ୍ତ୍ରୀ ଆରୁଖ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ବ୍ଲକର ସମସ୍ତଙ୍କ ଘରକୁ ପାଇପ ଯୋଗେ ପାଣି ଯୋଗାଇ ଦେବାପାଇଁ ୧,୮୦୮ କୋଟି ଟଙ୍କାର ଏକ ମେଗା ପାନୀୟ ଜଳ ପ୍ରକଳ୍ପ ହେବ। ଏହାର ପ୍ରକ୍ରିୟା ଚାଲିଛି। ୨୦୨୪ ସୁଦ୍ଧା ସମସ୍ତଙ୍କ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ। ବ୍ଲକର ୨୫୮ ଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୯୭ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଦର୍ଶ କେନ୍ଦ୍ର କରିବାକୁ ଚଳିତ ବର୍ଷ ଲକ୍ଷ୍ୟ ରଖାଯାଇଛି । ବଳରାମ ଯୋଜନାରେ ଚାଷୀଙ୍କୁ କିଭଳି ସୁବିଧାରେ ଋଣ ମିଳିପାରିବ ସେନେଇ ପଦକ୍ଷେପ ନିଆଯାଇଛି । ଭଞ୍ଜନଗର ବ୍ଲକରେ ପ୍ରାୟ ୯ ହଜାର ହେକ୍ଟର ଚାଷ ଜମି ଥିବାବେଳେ ସେଥିରୁ ଅଧା ଜମିରେ ଅଣଧାନ ଯଥା ତୈଳବୀଜ ଓ ପନିପରିବା ଚାଷ ହେଉଛି। ପାରମ୍ପରିକ ଧାନ ଚାଷ ପ୍ରତି ଲୋକଙ୍କ ଆଗ୍ରହ କମୁଛି । ତେଣୁ ଆଗାମୀ ଦିନରେ ଅଧିକରୁ ଅଧିକ ଚାଷୀଙ୍କୁ ତୈଳବୀଜ ଚାଷ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ବୈଠକରେ ଯୋଗଦେଇ ବିଭିନ୍ନ ଅଧିକାରୀ କହିଥିଲେ । ଲେମ୍ବେଇ ସମିତିସଭ୍ୟ ଦେବଦତ୍ତ ପ୍ରଧାନଙ୍କୁ ବରିଷ୍ଠ ସଭ୍ୟ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପଞ୍ଚାୟତ ସମିତିର ୭ଟି କମିଟି ପାଇଁ ବିଭିନ୍ନ ସମିତିସଭ୍ୟଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଅଧ୍ୟକ୍ଷ ନରୀସଭା ନାଇକ ସଭାପତିତ୍ୱ କରିଥିଲେ। ବିଡ଼ିଓ ଅନିଲ କୁମାର ସେଠୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

# ପ୍ରସ୍ତାବରେ ଅଟକିଛି ଋଷିକୁଲ୍ୟା ଉନ୍ନୟନ ପ୍ରାଧିକରଣ

**ଛତ୍ରପୁର,୬ା୫(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଋଷିକୁଲ୍ୟା ଉନ୍ନୟନ ପ୍ରାଧିକରଣ ଗଠନ ପ୍ରସ୍ତାବରେ ଅଟକିଛି । ଏହା ଗଠନ କରି ଋଷିକୁଲ୍ୟା ନଦୀର ବିକାଶ ପାଇଁ ଚିନ୍ତା କରାଯାଇଥିଲା। ଏ ନେଇ ଜିଲାରୁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଥିଲେ ମଧ ଦୀର୍ଘଦିନ ପରେ ବି ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନି। ଏପରକି ଏହା ଉପରେ ଜିଲାକୁ କୌଣସି ଉତ୍ତର ଆସି ନ ଥିବା ଜଣାଯାଇଛି ।

ଜିଲାରେ ଜଳସେଚନର ସୁବ୍ୟବସ୍ଥା ସହ ପାଣି ସମସ୍ୟା ଦୂର ଲାଗି ୨ବର୍ଷ ପୂର୍ବେ ଗଞ୍ଜାମ ଜିଲାପରିଷଦ ବୈଠକରେ ଋଷିକୁଲ୍ୟା ଉନ୍ନୟନ ପ୍ରାଧିକରଣ ଗଠନ କରିବା ନେଇ ପ୍ରସ୍ତାବ ଆସିଥିଲା । ମନ୍ତ୍ରୀ, ଜିଲାର ଏମପି, ବିଧାୟକମାନଙ୍କ ସମେତ ଜିଲା ପରିଷଦ ସଭ୍ୟ ଓ ୨୨ ବ୍ଲକ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଏହି ପ୍ରାଧିକରଣ ଗଠନ ପାଇଁ ଉକ୍ତ ବୈଠକରେ ସର୍ବସମ୍ମତି ପ୍ରକାଶ ପାଇଥିଲା । ପରେ ଏହି ପ୍ରସ୍ତାବକୁ ରାଜ୍ୟ ସରକାରଙ୍କୁ ପଠାଯାଇଥିଲା। ସଦ୍ୟ ସମାପ୍ତ ଜିଲାପରିଷଦ ବୈଠକରେ ମଧ ଜଳସେଚନ ସମସ୍ୟା ଆଲୋଚନା ବେଳେ ଋଷିକୁଲ୍ୟା ଉନ୍ନୟନ ପ୍ରାଧିକରଣର ସ୍ଥିତି ସମ୍ପର୍କରେ ପ୍ରଶ୍ନ ଉଠିଥିଲା। ତେବେ ଏହା ଉପରେ କୌଣସି ଉତ୍ତର ଆସି ନ ଥିବା କୁହାଯାଇଛି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନି। ଫଳରେ ଋଷିକୁଲ୍ୟା ନଦୀରୁ ପାଣି ଓ ଜଳସେଚନ ସମସ୍ୟା ରହୁଛି । ସୂଚନାଯୋଗ୍ୟ ଜଳସେଚନ ପାଇଁ ଏକମାତ୍ର ବୃହତ ଜଳସେଚନ ପ୍ରକଳ୍ପ ଋଷିକୁଲ୍ୟା ରହିଛି । ଜିଲାରେ ଉଭୟ ଖରିଫ୍ ଓ ରବି ଫସଲ ପାଇଁ ପାଣି ଅଭାବ ରହୁଛି। ଏଥିଲାଗି ଉଠାଜଳସେଚନ ଉପରେ ନିର୍ଭର କରିବାକୁ ପଡୁଛି। ତାହା ବି ସମୁଦ୍ରକୁ ଶଙ୍ଖେ।

ଆହୁରି ମଧ ଜଣାଯାଇଛି ଯେ ଋଷିକୁଲ୍ୟା ନଦୀ ଛତ୍ରପୁର, ଗଞ୍ଜାମ, ପୁରୁଷୋତ୍ତମପୁର, ଆସିକା ଆଦି ଅଞ୍ଚଳ ଦେଇ ପ୍ରବାହିତ ହେଉଛି । ଋଷିକୁଲ୍ୟାରୁ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର ସହର ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଗୋଳାବନ୍ଧ ସ୍ଥିତ ଆର୍ମି ଏଡି କଲେଜକୁ ପାନୀୟ ଜଳ ଯୋଗାଣ ହେଉଛି । ନଦୀ ଶୁଖୁଥିବାରୁ ଦିନକୁ ଦିନ ସେଠାରେ ପ୍ରତିଷ୍ଠା ହୋଇଥିବା ବଡମାଧପୁର ୩ଟି କଲେକ୍ଟର ୱେଲ ଏବଂ ହଂସପୁର ପ୍ରକଳ୍ପରୁ ପାଣି ଯୋଗାଣ ଆବଶ୍ୟକତା ଅନୁସାରେ ହୋଇପାରୁନି । ଜିଲାରେ ଋଷିକୁଲ୍ୟାର ପାଣି ଜଳସେଚନ ଓ ପାନୀୟ ଜଳ ପାଇଁ ଅଭାବ ଲାଗି ରହୁଥିବାବେଳେ ଏଠାରୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ପାଣି ଯୋଗାଣ ପାଇଁ ବ୍ୟବସ୍ଥା ଚାଲିଛି। ଜିଲାବାସୀଙ୍କ ପ୍ରତିକ୍ରିୟାକୁ ଦବାଇବାକୁ ଯାଇ ଗଞ୍ଜାମ ବ୍ଲକର କେତେକ ଗାଁକୁ ମଧ ଉକ୍ତ ପ୍ରକଳ୍ପରୁ ପାଣି ଦେବା ପାଇଁ ପରିକଳ୍ପନା କରାଯାଇଛି । ଅପରପକ୍ଷରେ ରାଜ୍ୟ ସରକାର ଜଳସେଚନ ଉପରେ ବେଶୀ ଗୁରୁତ୍ୱ ଦେଉଛନ୍ତି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗକୁ ନେଇ ପ୍ରତି ମାସରେ ସମୀକ୍ଷା ବୈଠକ ବସୁଥିବା ସେ ସୂଚନା ଦେଇଛନ୍ତି। ଋଷିକୁଲ୍ୟାର କଂସାରିଗଣ୍ଡ ଠାରେ ୨୪୦ କୋଟି ଟଙ୍କାରେ ଡ୍ୟାମ୍ ନିର୍ମାଣ ହେବ ବୋଲି ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି।

# ସହରର ସାମଗ୍ରିକ ବିକାଶ ନେଇ ସମସ୍ତେ ଏକାଠି

**କୋରାପୁଟ ମ୍ୟୁନିସିପାଲିଟି ପ୍ରଥମ ସାଧାରଣ ବୈଠକ**

■ ନିଜ ୱାର୍ଡର ସମସ୍ୟା ଉପସ୍ଥାପନ କଲେ କାଉନସିଲର

■ ୭ ବିଷୟ ଉପରେ ହେଲା ଆଲୋଚନା

■ ଚନ୍ଦନପୋଖରୀ ପାର୍କ,କାଠ ଗୋଦାମ ପାଇଁ ଟେଣ୍ଡର

**କୋରାପୁଟ,୬ା୫(ସ୍ୱ.ପ୍ର.)**

ପୌର ନିର୍ବାଚନ ପରେ ଶୁକ୍ରବାର କୋରାପୁଟ ମ୍ୟୁନିସିପାଲିଟିର କାଉନସିଲରଙ୍କ ପ୍ରଥମ ବୈଠକ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସହରର ସାମଗ୍ରିକ ବିକାଶ ଲାଗି ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇଛନ୍ତି। ବୈଠକରେ ସହରର ପରିମଳ ସମସ୍ୟା ଦୂରିକରଣ ନେଇ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଚନ୍ଦନପୋଖରୀ ପାର୍କ ପାଇଁ ଟେଣ୍ଡର, ସ୍ୱର୍ଗଧାମର ରକ୍ଷଣାବେକ୍ଷଣରେ ଜଣଙ୍କୁ ସ୍ଥାୟୀ ଭାବେ ନିୟୋଜିତ କରାଯିବା, ଦୈନିକ ବଜାରର ଉନ୍ନତୀକରଣ, କାଠ ଗୋଦାମ ଟେଣ୍ଡର, ମାର୍କେଟରେ ପାର୍କିଂ ବ୍ୟବସ୍ଥା, ସହରର ପ୍ରତ୍ୟେକ ୱାର୍ଡର ଉନ୍ନତି, ମଶାଧୁଆଁ ଗାଡି ସମେତ ଅନ୍ୟ ଗାଡି ନିମନ୍ତେ ଡ୍ରାଇଭର ନିଯୁକ୍ତି ଉପରେ ଆଲୋଚନା ହୋଇଥିଲା। ବୈଠକରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପାଧ୍ୟକ୍ଷା ଏସ. ପଣ୍ଡାଙ୍କ ସମେତ ସମସ୍ତ ୱାର୍ଡର କାଉନସିଲରମାନେ ଉପସ୍ଥିତ ରହି ନିଜ ୱାର୍ଡର ସମସ୍ୟା ବୈଠକରେ ଉପସ୍ଥାପନ କରିଥିଲେ ।




ବୈଠକରେ ଲୋକ ପ୍ରତିନିଧି ଓ ଅନ୍ୟମାନେ ।

